ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR/AgFE (Od)/1225/10-11-2023

## ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀ-୨୦୨୩

## ପୁଷ୍ଟିଶସ୍ୟ ସଂଗୀତ-ନୃତ୍ୟରେ ମୁଖରିତ ହେଲା ପରିବେଶ

ଭୁବନେଶ୍ୱର, ୧୦/୧୧/୨୦୨୩

ମାଣ୍ଡିଆ ତଥା ଅନ୍ୟାନ୍ୟ ପୁଷ୍ଟିଶସ୍ୟକୁ ନେଇ ଦେଶର ବିଭିନ୍ନ ରାଜ୍ୟର ଲୋକକଥା ଓ ଲୋକସଂସ୍କୃତି ଉପାଦାନ ସମ୍ବଳିତ ଗୀତନାଚରେ ଝୁମିଥିଲେ ଦର୍ଶକ । କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ଆୟୋଜିତ ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀର ଗୋଟିଏ ଅଣ-ବୈଷୟିକ କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ଅଞ୍ଚଳରୁ ଆସିଥିବା କୃଷକମାନେ ପରିବେଷଣ କରିଥିଲେ ସୁମଧୁର ସଂଗୀତ । ସବୁବେଳେ ଏପରି ଲୋକସଂଗୀତ ପୁଷ୍ଟିଶସ୍ୟ ଚାଷ ସହତ ସୁରକ୍ଷା ଦିଗରେ ସହାୟକ ହୋଇଆସିଛି ।

ଆଜିର କାର୍ଯ୍ୟକ୍ରମରେ ମାଣ୍ଡିଆ ଦିବସ ଅବସରରେ ମେଘାଳୟ, କର୍ଣ୍ଣାଟକ, ଗୁଜୁରାଟ ଓ ଓଡ଼ିଶାର କୃଷକ ଦଳ ସମବେତ ହୋଇ ପୁଷ୍ଟିଶସ୍ୟ ସଂଗୀତ ପରିବେଷଣ କରିଥିଲେ । କଣ୍ଠରେ ଥିଲା ପୁଷ୍ଟିଶସ୍ୟର ଜୟଗାନ, ପରିଚ୍ଛଦ ଥିଲା ପାରମ୍ପରିକ । ବିଭାଗୀୟ ସହକାରୀ ନିର୍ଦ୍ଦେଶକ ପ୍ରିୟଙ୍କା ପ୍ରିୟଦର୍ଶିନୀ ସ୍ୱାଗତ ଭାଷଣ ଦେଇଥିବାବେଳେ କାର୍ଯ୍ୟକ୍ରମର ସଂଚାଳକ ଅନୁଷ୍ଠାନ 'ରିଭିଟାଲାଇଜିଂ ରେନ୍‌ଫେଡ୍ ଏରିଆ (ଆର୍‌ଆର୍‌ଏ)'ର ଜାତୀୟ ନିର୍ଦ୍ଦେଶକ ଡ. ସବ୍ୟସାଚୀ ଦାସ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଗୀତିକାର ଓ ସମାଜକର୍ମୀ ଭାବରେ ପରିଚିତ ଗୁଜରାଟର ବିନୟ ମହାଜନ ଓ ଚାରୁ ଭରୱାଡ଼ା ସଂଗୀତ ପରିବେଷଣ କରିଥିବାବେଳେ ଓଡ଼ିଶାରୁ ଲୋକକବି ପଦ୍ମଶ୍ରୀ ହଳଧର ନାଗ ଅତିଥି ଭାବରେ ଉପସ୍ଥିତ ଥିଲେ । ବିଭାଗ ପକ୍ଷରୁ କୃଷକ ଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବାବେଳେ କାର୍ଯ୍ୟକ୍ରମରେ କୃଷକ, ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ଓ ସାଧାରଣ ଜନତା ଉପସ୍ଥିତ ରହି ଭରପୂର ମଜା ଉଠାଇଥିଲେ ।

କର୍ଣ୍ଣାଟକର ଶିଳ୍ପୀମାନେ ପରିବେଷଣ କରିଥିଲେ 'ଅର୍ଣ୍ଣଦାତା' । ଗୁଜୁରାଟ ଓ ମେଘାଳୟର ଦଳ ଫସଲ ଅମଳ ନେଇ ସେମାନଙ୍କ ପାରମ୍ପରିକ ଲୋକଗୀତ ପ୍ରସ୍ତୁତ କରିଥିଲେ । ଏସବୁ ସଂଗୀତ କୃଷକମାନଙ୍କ ଉଦ୍ଦେଶ୍ୟରେ ସମର୍ପିତ ଥିଲା । ଗଜପତି ଜିଲ୍ଲାର ଶିଳ୍ପୀମାନେ ବାଦ୍ୟଯନ୍ତ୍ର ସହିତ ସଂଗୀତ ପରିବେଷଣ କରିଥିଲେ । ଉପସ୍ଥିତ ଶିଳ୍ପୀ, ଅଂଶଗ୍ରହଣକାରୀ ଓ ଅତିଥିମାନେ ପୁଷ୍ଟିଶସ୍ୟକୁ ନେଇ ଶପଥପାଠ କରିଥିଲେ ।

ସଂଗୀତ ଓ ନୃତ୍ୟରେ ମୁଖରିତ ହୋଇଥିଲା ପରିବେଶ । ସମ୍ମିଳନୀର ଅନ୍ୟତମ ଆକର୍ଷଣୀୟ ଏହି କାର୍ଯ୍ୟକ୍ରମରେ ପୁଷ୍ଟିଶସ୍ୟର ସନ୍ଦେଶ ପ୍ରତିଟି ଦର୍ଶକଙ୍କ ହୃଦୟରେ ପ୍ରତିଧ୍ୱନିତ ହୋଇଥିଲା ।

ସ୍ୱାତୀ ସ୍ମିତା ସୁଆର
ସୂଚନା ଅଧିକାରୀ